# HERITAGE CLUB

## GANGADHAR MEHER UNIVERSITY
AMRUTA VIHAR, SAMBALPUR




## Annual Report 2021-22

**Introduction:**

India is one of the most diverse lands found anywhere in the world and has been hailed as the most complex amalgamation of various cultural identities. The Heritage Club seeks to celebrate this diversity in ethnicity, traditions and beliefs that our beloved country has to offer and has achieved this through the medium of a culture exchange programmes, debates, heritage walks, historical tours, etc.

The aim of this club is to make History an inherent part and parcel of the everyday curriculum alongside other graduate-level subjects by way of providing for continuously active and practical learning. It also focuses on places of Importance, cultural or natural heritage as described in UNESCO world heritage as well as the State and Central Archaeological Survey of India. It is also an attempt to understand all aspects that demarcates the identity of our Indian Heritage or any other Heritage in the world. The club also tries to develop respect in students toward the diversity in cultures by hosting awareness programs at college on how to protect and preserve our monuments and heritage sites.

**Objectives:**

The History and Heritage club has several objectives, primarily focused on developing skills in students and researchers for interpreting and analyzing rich cultural histories.

1. Create awareness among the students about our rich cultural heritage.
2. It serves as a platform to raise historical awareness within and beyond the university.
3. The club aims to instill a sense of responsibility for the preservation and promotion of Indian Culture and Heritage in future generations.
4. Heritage club badge to become a part of the growing community of being a proud heritage protector.
5. Learning about the importance of Heritage related matters such as History, Archaeology, Inscriptions, Monuments, coins, museums etc.
6. Outreach programs and education on Museums
7. Conducting training programs and awareness programs for students in the field of History and Archaeology. Example: Excavation, exploration, Heritage walk, Trekking, Workshops, Documentation methods, debate, drawing, quiz etc.
8. Visit the museum for learning about ancient Antiquities, copper plates, inscriptions, coins, etc.

9. Conservations techniques at college as well as at Historical or Archaeological sites.
10. Conducting cultural, social and educational development programs such as symposiums, discussions, student fairs, festivals, conferences etc.
11. Additionally, the club fosters a positive and supportive attitude among its members, encouraging collaboration and mutual support.
12. Skills developed include understanding historical events, sites, community engagement, and Cultural Resource Management.

**MISSION**

- To uphold the constitutional duty of every Indian citizen.
- To value and preserve the rich heritage of our composite culture.

**Article 51 of the Indian Constitution-Fundamental Duties-IV-A**

- To take pride in the unique diversity of India's cultural identity.
- To encourage the education authorities to incorporate heritage education into the learning process.
- To inspire young minds to develop secular, cultural values and contribute to the sustainable growth of our nation.

**List of Activities**

Sambalpur is dotted with several heritage buildings and cemeteries. But these monuments are in bad state. These buildings are lying neglected. Many people are not even aware of their existence and importance. Due to the lack awareness and conservation, these priceless monuments are in ruined condition. Heritage awareness is a crucial part of any heritage conservation and management. The success of heritage conservation initiatives depends on the understanding and participation of the local community and yields results in medium and long term. The School of History has developed a plan for public Awareness of Heritage in and around Sambalpur. So a heritage tour was organized at Rajabakhri, Sambalpur. In this event students, faculties and resource persons are participated and the students gained the knowledge about the heritage and its importance. They took an oath to maintain clean to the heritage. The state of Odisha situated in the east coast of India has a rich repository of rock art. The state is equally rich with tribal art as the state houses as many as 62 primitive tribal communities who largely subsist on hunting and gathering. The delivered lectures an account of ethno-archaeological perspective and artistic expression and how such ethnographic information can be used in the interpretation of primeval rock art. It lecture also highlighted the rock art heritage of western Odisha. On 18$^{th}$ April 2022 World Heritage Day celebrated in the University.

Atula Kumar Pradhan

Coordinator, Heritage Club







Heriage Awareness programme at Raja Bakhri





Heritage Club members at ruined palace, Raja bakhri




SCHOOL OF HISTORY


SCHOOL OF HISTORY
GANGADHAR MEHER UNIVERSITY
AMRUTA VIHAR, SAMBALPUR





Students at  the heritage site

# ରଜାବଖରୀକୁ ପୌଷ୍ୟ କୀର୍ତ୍ତି ଭାବରେ ଅଧିଗ୍ରହଣ କଲା ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ

ସମ୍ବଲପୁର, ୨୬।୯(ଅନୁପମ ମିଡିଅ): ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଛାତ୍ରଛାତ୍ରୀ ଆଜି ହେରିଟେଜ ୱାକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ପ୍ରଥମ ଗସ୍ତ କ୍ରମରେ ସେମାନେ ସମ୍ବଲପୁର ରାଜପ୍ରାସାଦ ବା ରଜା ବଖରୀ ପରିଦର୍ଶନ କରିଛନ୍ତି । ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡ. ଅତୁଲ କୁମାର ପ୍ରଧାନ ଏ କାର୍ଯ୍ୟକ୍ରମର ନେତୃତ୍ୱ ନେଇ କହିଲେ ଯେ ଆବଦ୍ଧ ଶ୍ରେଣୀ କୋଠରୀ ମଧ୍ୟରେ ସିଲାବସରେ ସୀମିତ ପାଠ୍ୟ ପୁସ୍ତକ ଅଧ୍ୟୟନ ପ୍ରକୃତ ଜ୍ଞାନ ଆହରଣ ନୁହେଁ । ପ୍ରତ୍ୟକ୍ଷ ଅବଲୋକନ ଓ ଅଧ୍ୟୟନ ହିଁ ପ୍ରକୃଷ୍ଟ ପନ୍ଥା ଅଟେ । ସ୍ଥାନୀୟ ଇତିହାସ ର ଅଧ୍ୟୟନ ଓ ପରିସ୍ଫୁଟନ କରିଆରେ ନିଜ ଅଞ୍ଚଳର ଗୌରବ ବୃଦ୍ଧି ଆମର ଉଭର ଦାୟିତ୍ୱ ଅଟେ । ସ୍ଥାନୀୟ ଇତିହାସର ଯଥାର୍ଥ ଉପସ୍ଥାପନ ହିଁ ଭାରତବର୍ଷର ଇତିହାସକୁ ଆହୁରି ସମୃଦ୍ଧ କରିବ । ରଜା ବଖରୀକୁ ମେହେର ବିଶ୍ୱିଦ୍ୟାଳୟ ଇତିହାସ ବିଭାଗ ପୌଷ୍ୟ ହେରିଟେଜ ବା କୀର୍ତ୍ତି ରୂପେ ଗ୍ରହଣ କଲା ବୋଲି ଘୋଷଣା କରି ସେ କହିଲେ ଯେ ଏହାର ସ୍ଥାପତ୍ୟ, ଐତିହ୍ୟ, ଚିତ୍ର କଳା ଓ ଅନ୍ୟ ଉପାଦାନ ଉପରେ ଅଧ୍ୟୟନ, ଗବେଷଣା ଓ ପ୍ରବନ୍ଧ ରଚନାର ଭାର ଛାତ୍ର ଛାତ୍ରଛାତ୍ରୀଙ୍କୁ ଦିଆଗଲା । ଏହା ପୂର୍ବରୁ ରଜା ବଖରୀର ସଫେଇ ପାଇଁ ଛାତ୍ରଛାତ୍ରୀ ଶ୍ରମଦାନ କରିବେ । ହେରିଟେଜ ୱାକ କ୍ରମରେ ଛାତ୍ର ଛାତ୍ରଛାତ୍ରୀ ସମ୍ବଲପୁରର ଅନ୍ୟାନ୍ୟ ଐତିହାସିକ କୀର୍ତ୍ତି ପରିଦର୍ଶନ କରିବେ । ଐତିହାସିକ ଦୀପକ କୁମାର ପଣ୍ଡା ଅତିଥି ଭାବରେ ଯୋଗଦେଇ ସମ୍ବଲପୁର ର ଐତିହାସିକ କୀର୍ତ୍ତି, ରଜା ବଖରୀ ସହ ସଂପର୍କୀତ ପ୍ରମୁଖ ରୋମାଞ୍ଚକର ଘଟଣାକ୍ରମ ସଂପର୍କରେ ବର୍ଣ୍ଣନା କରିବା ସହିତ ରଜା ବଖରୀର ବିଭିନ୍ନ ଅଂଶ ପରିକ୍ରମା କରାଇ ନିର୍ମାଣ କନିତ ବିଶେଷତ୍ୱ ବାବଦରେ ବୁଝାଇଥିଲେ ।

ଅନ୍ୟତମ ଐତିହାସିକ ଡ. ବିଭୂଦତ୍ତ ପ୍ରମୋଦ କୁମାର ମିଶ୍ର ସମ୍ବଲପୁରର ପ୍ରାଚୀନ ଇତିହାସ ସଂପର୍କରେ କହିବାକୁ ଯାଇ ଏଠାକାର ହୀରାଖଣିର ପ୍ରାଚୀନତା ଓ ମହତ୍ୱ ବର୍ଣ୍ଣନା କରିଥିଲେ ଅଧ୍ୟାପକ ଡ. ପରମତାପ ପ୍ରଧାନ ଓ ଡ. ସନ୍ତୋଷ ମଲ୍ଲିକ ମଧ୍ୟ ଉଦବୋଧନ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ ସମ୍ବଲପୁରର ବିଭିନ୍ନ ସଂଗଠନର ସମ୍ମିଳିତ ଉଦ୍ୟମରେ ରଜାବଖରୀରେ ସଫେଇ କରାଯାଇଥିଲା ।




HERITAGE PROMOTION

# GM University to adopt Raja Bakhri for preservation

**EXPRESS NEWS SERVICE**
@ Sambalpur

THE School of History of Gangadhar Meher University has pledged to adopt the iconic Raja Bakhri (King's Palace) for promotion and preservation of the monument under its Heritage Awareness Programme.

Under the programme, students will be visit lesser-known heritage sites in the region for research and make efforts to promote their historical significance. The first such visit was organised to Raja Bakhri on Sunday which was attended by 40 students of History department.

Professor of History Atul Pradhan said, "Sambalpur is dotted with several heritage buildings and cemeteries which are lying neglected. Many people are not even aware of their existence and importance. Due to lack of awareness and conservation, these monuments are in a ruined state. The aim of this programme is to make students aware about local history and heritage besides encouraging them to safeguard them."

Pradhan further said the success of heritage conservation initiatives depends on understanding and participation of the local community. Accordingly, students will lend a helping hand in cleaning the palace and promote the heritage building among people.

Member of INTACH, Sambalpur Chapter Deepak Panda said the GMU has taken a unique initiative to identify and research on local historical monuments. "A few years back, INTACH had proposed the State government for renovation of Raja Bakhri. A detailed project report of ₹2.5 crore was also submitted. However, there has been no progress in this regard so far," he informed.

Raja Bakhri is one of the biggest palaces in Odisha. It was built by King Chhatra Sai in the early 17th Century. The two-storey building has around 40 rooms. According to researchers, Surendra Sai had stayed in the palace for a few days during the 1857 uprising after he entered Sambalpur with 1,500 of his supporters. Besides, local freedom fighters had waved the national flag atop Raja Bakhri during the Quit India Movement.


File photo of Raja Bakhri

Currently, the palace is in a dilapidated condition with many parts of the building vandalised over the years. In 2017, the Sambalpur Press Club and some other organisations had undertaken an initiative to clean the premises of the palace. However, it could not be sustained for long.

# ରଜାବଖରୀକୁ ପୌଷ୍ୟ କୀର୍ତ୍ତି ଭାବେ ଅଧିଗ୍ରହଣ କଲା ଜିଏମ୍‌ୟୁ ଇତିହାସ ବିଭାଗ

[illegible]



[illegible]

---

# ରଜା ବଖରୀକୁ ପୋଷ୍ୟ କୀର୍ତ୍ତି ଭାବେ ଗ୍ରହଣ

**ସମ୍ବଲପୁର,୨୬।୯ (ସମିସ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଛାତ୍ରଛାତ୍ରୀ ହେରିଟେଜ ୱାର୍କ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସେମାନେ ସମ୍ବଲପୁର ରାଜପ୍ରାସାଦ ବା ରଜା ବଖରା ପରିଦର୍ଶନ କରିଛନ୍ତି। ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡ. ଅତୁଲ କୁମାର ପ୍ରଧାନ ଏ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ସେ କହିଛନ୍ତି ଯେ, ସିଲାବସରେ ସୀମିତ ପାଠ୍ୟ ପୁସ୍ତକ ଅଧ୍ୟୟନ ପ୍ରକୃତ ଜ୍ଞାନ ଆହରଣ ନୁହେଁ। ପ୍ରତ୍ୟକ୍ଷ ଅବଲୋକନ ଓ ଅଧ୍ୟୟନ ହିଁ ପ୍ରକୃଷ୍ଟ ପନ୍ଥା। ସ୍ଥାନୀୟ ଇତିହାସର ଅଧ୍ୟୟନ ଓ ପରିସ୍ଫୁଟନ କରିଆରେ ଏହି ଅଞ୍ଚଳର ଗୌରବ ବୃଦ୍ଧି ଆମର ଉଭର ଦାୟିତ୍ୱ। ସ୍ଥାନୀୟ ଇତିହାସର ଯଥାର୍ଥ ଉପସ୍ଥାପନ ହିଁ ଭାରତବର୍ଷର ଇତିହାସକୁ ଆହୁରି ସମୃଦ୍ଧ କରିବ। ରଜା ବଖରାକୁ ଗଙ୍ଗାଧରମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପୌଷ୍ୟ ହେରିଟେଜ ବା କୀର୍ତ୍ତି ରୂପେ ଗ୍ରହଣ କଲା ବୋଲି ଏହି ଅବସରରେ ଘୋଷଣା କରିଥିଲେ। ଏହାର ସ୍ଥାପତ୍ୟ, ଐତିହ୍ୟ, ଚିତ୍ରକଳା ଓ ଅନ୍ୟ ଉପାଦାନ ଉପରେ ଅଧ୍ୟୟନ,




ଗବେଷଣା ଓ ପ୍ରବନ୍ଧ ରଚନାର ଭାର ଛାତ୍ରଛାତ୍ରୀଙ୍କୁ ଦିଆଗଲା। ଏହା ପୂର୍ବରୁ ରଜା ବଖରାର ସଫେଇ ପାଇଁ ଛାତ୍ରଛାତ୍ରୀ ଶ୍ରମଦାନ କରିବେ। ହେରିଟେଜ ୱାର୍କ କ୍ରମରେ ଛାତ୍ରଛାତ୍ରୀ ମାନେ ସମ୍ବଲପୁରର ଅନ୍ୟାନ୍ୟ ଐତିହାସିକ କୀର୍ତ୍ତି ପରିଦର୍ଶନ କରିବେ।

ଐତିହାସିକ ଦୀପକ କୁମାର ପଣ୍ଡା ଅତିଥି ଭାବରେ ଯୋଗଦେଇ ସମ୍ବଲପୁରର ଐତିହାସିକ କୀର୍ତ୍ତି, ରଜା ବଖରା ସହ ସମ୍ପର୍କୀତ ପ୍ରମୁଖ ରୋମାଞ୍ଚକର ଘଟଣାକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିସହ ରଜା ବଖରୀର ବିଭିନ୍ନ ଅଂଶ ପରିକ୍ରମା କରାଇ ନିର୍ମାଣ ଜନିତ ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଐତିହାସିକ ଡ. ବିଭୂଦତ୍ତ ପ୍ରମୋଦ କୁମାର ମିଶ୍ର ସମ୍ବଲପୁରର ପ୍ରାଚୀନ ଇତିହାସ ସମ୍ପର୍କରେ କହିବାକୁ ଯାଇ ଏଠାକାର ହୀରାଖଣ୍ଡିର ପ୍ରାଚୀନତା ଓ ମହତ୍ୱ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ଡ. ପରମତାପ ପ୍ରଧାନ ଓ ଡ. ସନ୍ତୋଷ ମଲ୍ଲିକ ମଧ୍ୟ ଉଦବୋଧନ ଦେଇଥିଲେ।

ସୂଚନା ଯୋଗ୍ୟ, ସମ୍ବଲପୁରର ବିଭିନ୍ନ ସଂଗଠନର ସମ୍ମିଳିତ ଉଦ୍ୟମରେ ପୂର୍ବରୁ ରଜାବଖରୀ ସଫେଇ କରାଯାଇଥିଲା। ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ଯୋଗାଭ୍ୟାସ ଆରମ୍ଭ ହୋଇଥିଲା। ରଜାବଖରୀର ଜୀର୍ଣ୍ଣୋଦ୍ଧାର ପାଇଁ ପ୍ରାୟ ଅଢେଇ କୋଟି ଟଙ୍କାର ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଥିଲା।

# ପୋଷ୍ୟକୀର୍ତ୍ତି ହେଲା 'ରଜାବଖରୀ'

ସମ୍ବଲପୁର,୨୬।୯(ସିଟି)- ସମ୍ବଲପୁର ରାଜପ୍ରସାଦ (ରଜା ବଖରୀ)କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ପୋଷ୍ୟକୀର୍ତ୍ତି ଭାବେ ଗ୍ରହଣ




କରାଯାଇଛି । ବିଭାଗର ଛାତ୍ରଛାତ୍ରୀ ରବିବାର ହେରିଟେଜ ୱାକ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ରଜା ବଖରୀ ପରିଦର୍ଶନ କରିଥିଲେ । ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡଃ ଅତୁଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ସମେତ ଐତିହାସିକ ମାନେ ଯୋଗଦେଇଥିଲେ । ଆବଦ୍ଧ ଶ୍ରେଣୀ କୋଠରୀ ମଧ୍ୟରେ ସିଲାବସରେ ସୀମିତ ପାଠ୍ୟପୁସ୍ତକ ଅଧ୍ୟୟନ ପ୍ରକୃତ ଜ୍ଞାନ ଆହରଣ ନୁହେଁ ବୋଲି ଅଧ୍ୟାପକ ଡଃ ପ୍ରଧାନ କହିଥିଲେ । ପ୍ରତ୍ୟକ୍ଷ ଅବଲୋକନ ଓ ଅଧ୍ୟୟନ ହିଁ ପ୍ରକୃଷ୍ଟ ପନ୍ଥା । ସ୍ଥାନୀୟ ଇତିହାସର ଅଧ୍ୟୟନ ଓ ପରିସ୍ଫୁଟନ ଜରିଆରେ ନିଜ ଅଞ୍ଚଳର ଗୌରବ ବୃଦ୍ଧି ଆମର ଉତ୍ତରଦାୟିତ୍ୱ । ସ୍ଥାନୀୟ ଇତିହାସର ଯଥାର୍ଥ ଉପସ୍ଥାପନ ହିଁ ଭାରତବର୍ଷର ଇତିହାସକୁ ଆହୁରି ସମୃଦ୍ଧ କରିବ ବୋଲି ସେ କହିବା ସହିତ 'ରଜା ବଖରୀ' କୁ ଜିଏମ୍‌ୟୁ ଇତିହାସ ବିଭାଗ ପୋଷ୍ୟ ହେରିଟେଜ (କୀର୍ତ୍ତି) ଭାବେ ଗ୍ରହଣ କଲା ବୋଲି ଡଃ ପ୍ରଧାନ ଘୋଷଣା କରିଥିଲେ । ଏହା ସହିତ ରଜା ବଖରୀର ସ୍ଥାପତ୍ୟ, ଐତିହ୍ୟ, ଚିତ୍ର କଳା ଓ ଅନ୍ୟ ଉପାଦାନ ଉପରେ ଅଧ୍ୟୟନ, ଗବେଷଣା ଓ ପ୍ରବନ୍ଧ ରଚନାର ଭାର ଛାତ୍ରଛାତ୍ରୀ ମାନଙ୍କୁ ଦିଆଯିବା ସହିତ ଆଗାମୀ ଦିନରେ ଏହାର ସଫେଇ ପାଇଁ ସେମାନେ ଶ୍ରମଦାନ ମଧ୍ୟ କରିବେ ବୋଲି କହିଥିଲେ । ଐତିହାସିକ ଦୀପକ କୁମାର ପଣ୍ଡା, ଡଃ ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର, ଡଃ ପରମତାପ ପ୍ରଧାନ, ଡଃ ସନ୍ତୋଷ ମଲ୍ଲିକ ପ୍ରମୁଖ ରଜା ବଖରୀର କୀର୍ତ୍ତିରାଜି ଉପରେ ଆଲୋଚନା କରିଥିଲେ । ରଜା ବଖରୀର ସଫେଇ କରାଯିବା ସହିତ ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଯୋଗାଭ୍ୟାସ ଆରମ୍ଭ କରାଯାଇଥିଲା । ଏହାର ପୁନରୁଦ୍ଧାର ନିମନ୍ତେ ୨.୫ କୋଟିର ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଛି, କିନ୍ତୁ ପାଣ୍ଠି ଯୋଗାଣକୁ ଅପେକ୍ଷା କରାଯାଉଛି ।

# ରଜାବଖରୀକୁ ପୌଷ୍ୟ କୀର୍ତ୍ତି ଭାବରେ ଗ୍ରହଣ କଲା ଜିଏମ୍‌ୟୁ ଇତିହାସ ବିଭାଗ

ସମ୍ବଲପୁର, ୨୬/୯(ଇମିସ): ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଛାତ୍ରଛାତ୍ରୀ ଆଜି ହେରିଟେଜ ଓ୍ୱାକ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଗସ୍ତ କ୍ରମରେ ସେମାନେ ସମ୍ବଲପୁର ରାଜପ୍ରାସାଦ ବା ରଜାବଖରୀ ପରିଦର୍ଶନ କରିଛନ୍ତି। ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡ. ଅତୁଲ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇ କହିଲେ, ଆବଦ୍ଧ ଶ୍ରେଣୀ କୋଠରୀ ମଧ୍ୟରେ ପାଠ୍ୟକ୍ରମରେ ସୀମିତ ପାଠ୍ୟ ପୁସ୍ତକ ଅଧ୍ୟୟନ ପ୍ରକୃତ ଜ୍ଞାନ ଆହରଣ ନୁହେଁ। ପ୍ରତ୍ୟକ୍ଷ ଅବଲୋକନ ଓ ଅଧ୍ୟୟନ ହିଁ ପ୍ରକୃଷ୍ଟ ପନ୍ଥା ଅଟେ। ସ୍ଥାନୀୟ ଇତିହାସର ଅଧ୍ୟୟନ ଓ ପରିସ୍ଫୁଟନ ଜରିଆରେ ନିଜ ଅଂଚଳର ଗୌରବ ବୃଦ୍ଧି ଆମର ଉତ୍ତର ଦାୟିତ୍ୱ ଅଟେ। 'ରଜା ବଖରୀ'କୁ ଜିଏମ୍‌ୟୁ ଇତିହାସ ବିଭାଗ ପୌଷ୍ୟ ହେରିଟେଜ୍ ବା କୀର୍ତ୍ତି ରୂପେ ଗ୍ରହଣ କଲା ବୋଲି ସେ ଘୋଷଣା କରିଥିଲେ। ସେ ଆହୁରି କହିଲେ ଯେ ଏହାର ସ୍ଥାପତ୍ୟ, ଐତିହ୍ୟ, ଚିତ୍ରକଳା ଓ ଅନ୍ୟ ଉପାଦାନ ଉପରେ ଅଧ୍ୟୟନ, ଗବେଷଣା ଓ ପ୍ରବନ୍ଧ ରଚନାର ଭାର ଛାତ୍ର ଛାତ୍ରଛାତ୍ରୀଙ୍କୁ ଦିଆଗଲା। ଏହା ପୂର୍ବରୁ ରଜା ବଖରୀର ସଫେଇ ପାଇଁ ଛାତ୍ରଛାତ୍ରୀ ଶ୍ରମଦାନ କରିବେ। ହେରିଟେଜ୍ ଓ୍ୱାର୍କ କ୍ରମରେ ଛାତ୍ରଛାତ୍ରୀ ସମ୍ବଲପୁରର ଅନ୍ୟାନ୍ୟ ଐତିହାସିକ କୀର୍ତ୍ତି ପରିଦର୍ଶନ କରିବେ। ଗବେଷକ ଦୀପକ କୁମାର ପଣ୍ଡା ଅତିଥି ଭାବରେ ଯୋଗଦେଇ ସମ୍ବଲପୁରର ଐତିହାସିକ କୀର୍ତ୍ତି, ରଜା ବଖରୀ ସହ ସଂପର୍କିତ ପ୍ରମୁଖ ରୋମାଂଚକର ଘଟଣାକ୍ରମ ସଂପର୍କରେ ବର୍ଣ୍ଣନା କରିବା ସହିତ ରଜା ବଖରୀର ବିଭିନ୍ନ ଅଂଶ ପରିକ୍ରମା କରାଇ ନିର୍ମାଣଜନିତ ବିଶେଷତ୍ୱ ବାବଦରେ ବୁଝାଇଥିଲେ। ଡ. ବିଭୂଦତ୍ତ ପ୍ରମୋଦ କୁମାର ମିଶ୍ର ସମ୍ବଲପୁରର ପ୍ରାଚୀନ ଇତିହାସ ସଂପର୍କରେ କହିବାକୁ ଯାଇ ଏଠାକାର ହୀରାଖଣିର ପ୍ରାଚୀନତା ଓ ମହତ୍ୱ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ଡ. ପରମତାପ ପ୍ରଧାନ ଓ ଡ. ସନ୍ତୋଷ ମଲ୍ଲିକ ମଧ୍ୟ ଉଦବୋଧନ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ସମ୍ବଲପୁରର ବିଭିନ୍ନ ସଂଗଠନର ସମ୍ମିଳିତ ଉଦ୍ୟମରେ ରଜାବଖରୀରେ ସଫେଇ କରାଯାଇଥିଲା। ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ଯୋଗାଭ୍ୟାସ ଆରମ୍ଭ ହୋଇଥିଲା। ରଜାବଖରୀର ଜୀର୍ଣ୍ଣୋଦ୍ଧାର ପାଇଁ ପ୍ରାୟ ଅଢେଇ କୋଟି ଟଙ୍କାର ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଥିଲା। ଏବେ ମଧ୍ୟ ପାଣ୍ଠି ଯୋଗାଣକୁ ଅପେକ୍ଷା କରାଯାଉଛି।

### ଜିଏମ୍‌ୟୁ ଇତିହାସ ବିଭାଗର ୱେବିନାର୍

# ପଶ୍ଚିମ ଓଡ଼ିଶାର ଶୈଳଚିତ୍ର ଗୁଡ଼ିକର ସଂରକ୍ଷଣ କରାଯାଉ

ସମ୍ବଲପୁର, ୧୮।୪ (ଇମିସ): ସମ୍ବଲପୁର ଜିଲ୍ଲାରେ ଥିବା ବିଭିନ୍ନ ଶୈଳଚିତ୍ର (ପ୍ରସ୍ତର ଚିତ୍ର) ପ୍ରାଚୀନ ମାନବ ଇତିହାସର ପରିଚୟ ବହନ କରେ। ତେଣୁ ସେ ଗୁଡ଼ିକର ସଂରକ୍ଷଣ ନିତାନ୍ତ ଆବଶ୍ୟକ ବୋଲି ଭାରତୀୟ ସର୍ବେକ୍ଷଣ ସଂସ୍ଥାର ପ୍ରତ୍ନତତ୍ତ୍ୱବିତ୍ ଡ. ଡିବି ଗଡ଼ନାୟକ କହିଛନ୍ତି। ବିଶ୍ୱ ଐତିହ୍ୟ ଦିବସ ଅବସରରେ ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ୱେବିନାର୍‌ରେ ମୁଖ୍ୟବକ୍ତାଭାବେ ଯୋଗ ଦେଇ ଡ. ଗଡ଼ନାୟକ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାରେ ଥିବା ବିଭିନ୍ନ ଶିଳାଲେଖ ଓ ଶିଳାଚିତ୍ର



ଗୁଡ଼ିକର ଫଟୋ ପ୍ରଦର୍ଶନ ପୂର୍ବକ ସେଗୁଡ଼ିକର ଐତିହାସିକ ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଉମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ପଶ୍ଚିମ ଓଡ଼ିଶାର ସମୃଦ୍ଧ ଶୈଳଚିତ୍ର' ଶୀର୍ଷକ ଏହି ୱେବିନାର୍‌କୁ ଡ. ଅତୁଲ ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ଡ. ସନ୍ତୋଷ ମଲ୍ଲିକ, ଡ. ପରମପ୍ରତାପ ପ୍ରଧାନ, ଡ. ସସ୍ମିତାରାଣୀ ଶାସନୀ ପ୍ରମୁଖ ୱେବିନାର୍ ଆୟୋଜନରେ ସହଯୋଗ କରିଥିଲେ। ଓଡ଼ିଶାର ବହୁ ଐତିହାସିକ, ଗବେଷକ ଓ ବିଭାଗୀୟ ଛାତ୍ରଛାତ୍ରୀ ୱେବିନାର୍‌ରେ ଭାଗ ନେଇଥିଲେ।

# ଜିଏମ୍‌ୟୁ ଇତିହାସ ବିଭାଗରେ ୱେବିନାର

ସମ୍ବଲପୁର,୧୮।୪(ବ୍ୟୁରୋ): ଗଙ୍ଗାଧର ମେହର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗରେ ବିଶ୍ୱ ଐତିହ୍ୟ ଦିବସ ଅବସରରେ ଏକ ୱେବିନାର ଅନଷ୍ଠିତ ହୋଇଛି। ବିଭାଗୀର ମୁଖ୍ୟ ଡ.ଉମାକନ୍ତ ମିଶ୍ରଙ୍କ ଅଧକ୍ଷତାରେ ଓ ଡ.ଅତୁଲ କୁମାର ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ମୁଖ୍ୟ ବକ୍ତା ଭାବେ ଭାରତୀୟ ସର୍ବେକ୍ଷଣ ସଂସ୍ଥାର ଅଧିକ୍ଷଣ ପ୍ରତ୍ନତତ୍ୱବିତ ଡଃ. ବି.ଡି ଗଡନାୟକ ଯୋଗ ଦେଇ ତାଙ୍କର ଗବେଷଣାର ପରିବେଶଣ କରିଥିଲେ। ଏହି ୱେବିନାରରେ ବିଭାଗର ଅଧକ୍ଷ ଡ.ସନ୍ତୋଷ କୁମାର ମଲ୍ଲିକ, ଡ.ପରମତାପ ପ୍ରଧାନ ସହଯୋଗ କରିଥିଲେ। ଓଡିଶାର ବିଭିନ୍ନ ଐତିହାସିକ ଗବେଶକ ଓ ଇତିହାସ ବିଭାଗର ଅନେକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

Media coverage of the programe






Celebration of World Heritage Day 2022





Students and scholars are participate in the Celebration of World Heritage Day 2022










Students and scholars are participating in the Celebration of World Heritage Day 2022

# ଜିଏମ୍‌ୟୁରେ ବିଶ୍ୱ ଐତିହ୍ୟ ଦିବସ

ସମ୍ବଲପୁର, ୧୮।୪ (ବ୍ୟୁରୋ)

ଐତିହ୍ୟ ଯେକୌଣସି ଗ୍ରାମ ଓ ସହରର ଠିକଣା । ଏହା ଖଜୁରାହୋ, କୋଣାର୍କ କିମ୍ବା ହୁମା ଭଳି ଛୋଟ ଜନବସତିକୁ ମଧ୍ୟ ପ୍ରସିଦ୍ଧ କରିପାରେ । ତେଣୁ ଐତିହ୍ୟ ବାବଦରେ ସଚେତନତା ଜରୁରୀ । ସୋମବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇତିହାସ ବିଭାଗ ଆୟୋଜିତ ବିଶ୍ୱ ଐତିହ୍ୟ ଦିବସରେ ବକ୍ତାମାନେ ଏହା କହିଛନ୍ତି । ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଐତିହାସିକ ଦୀପକ କୁମାର ପଣ୍ଡା ବକ୍ତା ଭାବେ ଯୋଗଦେଇ ରାଜତନ୍ତ୍ର ଓ ବ୍ରିଟିଶ ଶାସନ କାଳରେ ସମ୍ବଲପୁରଠାରେ ନିର୍ମିତ ପୁରାତନ କୀର୍ତ୍ତିରାଜି, ନିର୍ମାଣ ଶୈଳୀ ଓ ବର୍ତ୍ତମାନର ସ୍ଥିତି ବିଷୟରେ ଆଲୋଚନା କରିଥିଲେ । ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ମୋହିନ ମହମ୍ମଦ ସମ୍ମାନିତ ଅତିଥି ଥିଲେ । ଉପକୁଳପତି ଡ. ଉମାଚରଣ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ପରମତାପ ପ୍ରଧାନ ସ୍ୱାଗତ ଭାଷଣ, ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଅତୁଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପିକା ସସ୍ମିତା ଶାସନି ଧନ୍ୟବାଦ ଦେଇଥିଲେ ।

## ଜିଏମ୍‌ୟୁ ଇତିହାସ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ

# 'ଆଗାମୀ ପିଢ଼ି ପାଇଁ କୀର୍ତ୍ତିରାଜିର ସୁରକ୍ଷା ନିହାତି ଜରୁରୀ'

ସମ୍ବଲପୁର, ୧୮।୪ (ବ୍ୟୁରୋ): ଗୋଟିଏ ଜାତିର ଐତିହ୍ୟ ତଥା ସମୃଦ୍ଧ ଇତିହାସକୁ ସେହି ମାଟିର ଐତିହାସିକ କୀର୍ତ୍ତିରାଜି ହିଁ ବୟାନ କରିଥାଏ । ଆଉ ଏହି କୀର୍ତ୍ତିରାଜି ହିଁ ଆଗାମୀ ପିଢିକୁ ବାଟ କଢାଇ ଥାଏ । ସମ୍ବଲପୁରର ମହାନ ସଂସ୍କୃତି ଏବଂ ଐତିହ୍ୟକୁ ଏବେ ବି ଅନେକ ପୁରୁଣା କୀର୍ତ୍ତିରାଜି ବୟାନ କରି ଆସୁଛି । ତେଣୁ, ଏ ଗୁଡିକର ସୁରକ୍ଷା ନିହାତି ଜରୁରୀ ବୋଲି ଜିଏମ୍ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଅଧୀନରେ ଅନୁଷ୍ଠିତ ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଏଭଳି ମତପ୍ରକାଶ ପାଇଛି ।

ଐତିହ୍ୟ ଗୋଟିଏ ଅଞ୍ଚଳ ତଥା ଜାତିର ପରିଚୟ ଜନିତ ସାକ୍ଷ୍ୟ ଅଟେ । ଜାତିକୁ ଆଗାମୀ ଦିନ ପାଇଁ ପ୍ରେରଣା ଯୋଗାଇ ଦେବା ସକାଶେ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ଆବଶ୍ୟକ । ଐତିହ୍ୟ ଯେକୌଣସି ଗ୍ରାମ ବା ସହରର ଠିକଣା । ଏହା ଖଜୁରାହା, କୋଣାର୍କ ଅଥବା ହୁମା ଭଳି ଛୋଟ ଜନବସତିକୁ ମଧ୍ୟ ପ୍ରସିଦ୍ଧ କରିପାରେ । ତେଣୁ ଐତିହ୍ୟ ବାବଦରେ ସଚେତନତା ପ୍ରକାଶ ଜରୁରୀ ବୋଲି ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆଜି ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗରାଜୁ ଅଧ୍ୟକ୍ଷତା କରି କହିଲେ ଯେ ଇତିହାସର ମହତ୍ୱ ବାବଦରେ କ୍ରମେ ଅଧିକ ସଚେତନତା ପ୍ରକାଶ ପାଇବାରେ ଲାଗିଲାଣି । ଐତିହ୍ୟ ଇତିହାସର ବଳିଷ୍ଠତମ ସାକ୍ଷ୍ୟ ହୋଇଥିବାରୁ ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଅପରିହାର୍ଯ୍ୟ ଅଟେ । ବକ୍ତା ଭାବରେ ଯୋଗଦେଇ ଦୀପକ କୁମାର ପଣ୍ଡା ସମ୍ବଲପୁର ଇତିହାସରେ ଐତିହ୍ୟର ମହତ୍ୱ ବାବଦରେ କହିଥିଲେ । ରାଜତନ୍ତ୍ର ଓ ବ୍ରିଟିଶ ଶାସନ କାଳରେ ସମ୍ବଲପୁର ସହରରେ ନିର୍ମିତ ପୁରାତନ କୀର୍ତ୍ତିରାଜି, ଏଗୁଡ଼ିକର ନିର୍ମାଣ ଶୈଳୀ ତଥା ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଗତ ଦିନରେ ଲୋପ ପାଇଥିବା ଐତିହ୍ୟ ଗୁଡିକର ବିବରଣୀ ଦେଇ ବର୍ତ୍ତମାନ ଥିବା କୀର୍ତ୍ତିର ସଂରକ୍ଷଣ ଓ ପୁନର୍ବିନ୍ୟାସ କରାଯିବା ଉଚିତ ବୋଲି କହିଥିଲେ । ପି. ଜି. କାଉନସିଲ ଅଧ୍ୟକ୍ଷ ମୋହିନ ମହମ୍ମଦ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଉପ-କୁଳସଚିବ ଉମାଚରଣ ପତି ସଭାର ପରିଚାଳନା କରିଥିଲେ । ଅଧ୍ୟାପକ ପରମତାପ ପ୍ରଧାନ ସ୍ୱାଗତ ଭାଷଣ, ଇତିହାସ ବିଭାଗ ମୁଖ୍ୟ ପ୍ର. ଅତୁଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପିକା ସସ୍ମିତା ଶାସନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ଐତିହ୍ୟ ଦିବସ ପାଳିତ

# 'ଐତିହ୍ୟର ସଂରକ୍ଷଣ ଓ ପୁନର୍ବିନ୍ୟାସ ଜରୁରୀ'

**ସମ୍ବଲପୁର,୧୮।୪(ସମିସ):** ଐତିହ୍ୟ ଗୋଟିଏ ଅଞ୍ଚଳ ତଥା ଜାତିର ପରିଚୟ । ଜାତିକୁ ଆଗାମୀ ଦିନ ପାଇଁ ପ୍ରେରଣା ଯୋଗାଇଦେବା ସକାଶେ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ଆବଶ୍ୟକ । ଐତିହ୍ୟ ଯେକୌଣସି ଗ୍ରାମ ବା ସହରର ଠିକଣା । ଏହା ଖଜୁରାହୋ, କୋଣାର୍କ ଅଥବା ହୁମା ଭଳି ଛୋଟ ଜନବସତିକୁ ମଧ୍ୟ ବିଶ୍ୱ ଦରବାରରେ ପ୍ରସିଦ୍ଧ କରିପାରେ । ତେଣୁ ଐତିହ୍ୟ ବାବଦରେ ସଚେତନତା ପ୍ରକାଶ ଜରୁରୀ ବୋଲି ଗଙ୍ଗାଧର ମେହେର ବିଶ୍ୱଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି ।

ଏଥିରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗରାଜୁ କହିଲେ ଯେ ଇତିହାସର ମହତ୍ୱ ବାବଦରେ କ୍ରମେ ଅଧିକ ସଚେତନତା ପ୍ରକାଶ ପାଇବାରେ ଲାଗିଲାଣି । ଐତିହ୍ୟ ଇତିହାସର ବଳିଷ୍ଠତମ ସାକ୍ଷୀ ହୋଇଥିବାରୁ ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଅପରିହାର୍ଯ୍ୟ ଅଟେ। ବକ୍ତା ଭାବରେ ଯୋଗଦେଇ ଦୀପକ କୁମାର ପଣ୍ଡା ସମ୍ବଲପୁର ଇତିହାସରେ ଐତିହ୍ୟର ମହତ୍ୱ ବାବଦରେ କହିଥିଲେ । ରାଜତନ୍ତ୍ର ଓ ବ୍ରିଟିଶ ଶାସନ କାଳରେ ସମ୍ବଲପୁର ସହରରେ ନିର୍ମିତ ପୁରାତନ କୀର୍ତ୍ତିରାଜି, ଏଗୁଡ଼ିକର ନିର୍ମାଣ ଶୈଳୀ ତଥା ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଗତ ଦିନରେ ଲୋପ ପାଇଥିବା ଐତିହ୍ୟ ଗୁଡିକର ବିବରଣୀ ଦେଇ ବର୍ତ୍ତମାନ ଥିବା କୀର୍ତ୍ତିର ସଂରକ୍ଷଣ ଓ ପୁନର୍ବିନ୍ୟାସ କରାଯିବା ଉଚିତ୍ ବୋଲି କହିଥିଲେ ।

ପି.ଜି. କାଉନସିଲ ଅଧ୍ୟକ୍ଷ ମୋହିନ୍ ମହମ୍ମଦ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଉପ-କୁଳସଚିବ ଉମାଚରଣ ପତି ସଭାର ପରିଚାଳନା କରିଥିଲେ । ଅଧ୍ୟାପକ ପରମତାପ ପ୍ରଧାନ ସ୍ୱାଗତ ଭାଷଣ, ଇତିହାସ ବିଭାଗ ମୁଖ୍ୟ ପ୍ର. ଅତୁଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପିକା ସସ୍ମିତା ଶାସନୀ ଧନ୍ୟବାଦ ଅର୍ପଣ କରିଥିଲେ ।

---

# 'ଐତିହ୍ୟ ଗୋଟିଏ ଜାତିର ପରିଚୟଜନିତ ସାକ୍ଷ୍ୟ'

ସମ୍ବଲପୁର,୧୮।୪(କାର୍ଯ୍ୟାଳୟ): ଐତିହ୍ୟ ଗୋଟିଏ ଅଞ୍ଚଳ ତଥା ଜାତିର ପରିଚୟ ଜନିତ ସାକ୍ଷ୍ୟ । ଜାତିକୁ ଆଗାମୀ ଦିନ ପାଇଁ ପ୍ରେରଣା ଯୋଗାଇବା ସକାଶେ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ଆବଶ୍ୟକ । ଖଜୁରାହୋ, କୋଣାର୍କ ବା ହୁମା ଭଳି ଛୋଟ ଜନବସତିକୁ ମଧ୍ୟ ପ୍ରସିଦ୍ଧ କରିପାରେ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି । କୁଳପତି ପ୍ରଫେସର ଏନ. ନାଗରାଜୁଙ୍କ ଅଧ୍ୟକ୍ଷତାରେ ସୋମବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି । ଏଥିରେ ସମ୍ବଲପୁରର କୀର୍ତ୍ତିରାଜି ସମ୍ପର୍କରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା । ଐତିହାସିକ ଦୀପକ କୁମାର ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇ ରାଜତନ୍ତ୍ର ଓ ବ୍ରିଟିଶ ଶାସନ କାଳରୁ ଆରମ୍ଭ କରି ସମ୍ବଲପୁର ସହରରେ ନିର୍ମିତ ପୁରାତନ କୀର୍ତ୍ତିରାଜି, ସେଗୁଡ଼ିକର ନିର୍ମାଣଶୈଳୀ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ । ବିଲୋପ ହେଉଥିବା ସମ୍ବଲପୁରର ଐତିହ୍ୟ ବିଷୟରେ ଉଲ୍ଲେଖ କରି କୀର୍ତ୍ତିରାଜିର ସଂରକ୍ଷଣ ଓ ପୁନର୍ବିନ୍ୟାସ ଆବଶ୍ୟକ ବୋଲି ଶ୍ରୀ ପଣ୍ଡା ମତପ୍ରକାଶ କରିଥିଲେ । ଉପକୁଳସଚିବ ଡ. ଉମାଚରଣ ପତି ସଭା ପରିଚାଳନା କରିଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ମୋହସିନ ମହମ୍ମଦ ସମ୍ମାନିତ ଅତିଥି ଥିଲେ । ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଅତୁଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା, ଅଧ୍ୟାପକ ପରମତାପ ପ୍ରଧାନ ସ୍ୱାଗତ ଭାଷଣ ଏବଂ ଶେଷରେ ଅଧ୍ୟାପିକା ସସ୍ମିତା ଶାସନୀ ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବାଦ

# ଜିଏମ୍‌ୟୁରେ ସମ୍ବଲପୁରର ଐତିହ୍ୟ ସମ୍ପର୍କିତ ଆଲୋଚନାଚକ୍ର

# ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଅପରିହାର୍ଯ୍ୟ: ନାଗରାଜୁ

ସମ୍ବଲପୁର, ୧୮/୪(ଇମିସ): ଐତିହ୍ୟ ଗୋଟିଏ ଅଂଚଳ ତଥା ଜାତିର ପରିଚୟ ଜନିତ ସାକ୍ଷ୍ୟ ଅଟେ। ଜାତିକୁ ଆଗାମୀ ଦିନ ପାଇଁ ପ୍ରେରଣା ଯୋଗାଇ ଦେବା ସକାଶେ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ଆବଶ୍ୟକ। ଐତିହ୍ୟ ଯେକୌଣସି ଗ୍ରାମ ବା ସହରର ଠିକଣା। ଏହା ଖଜୁରାହୋ, କୋଣାର୍କ ଅଥବା ହୁମା ଭଳି ଛୋଟ ଜନବସତିକୁ ମଧ୍ୟ ପ୍ରସିଦ୍ଧ କରିପାରେ। ତେଣୁ, ଐତିହ୍ୟ ବାବଦରେ ସଚେତନତା ପ୍ରକାଶ ଜରୁରୀ ବୋଲି ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆଜି ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ଏଥିରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଏନ. ନାଗରାଜୁ କହିଲେ ଯେ ଇତିହାସର ମହତ୍ତ୍ୱ ବାବଦରେ କ୍ରମେ ଅଧିକ ସଚେତନତା ପ୍ରକାଶ ପାଇବାରେ ଲାଗିଲାଣି। ଐତିହ୍ୟ ଇତିହାସର ବଳିଷ୍ଠତମ ସାକ୍ଷ୍ୟ ହୋଇଥିବାରୁ ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଅପରିହାର୍ଯ୍ୟ ଅଟେ। ବକ୍ତା ଭାବରେ ଯୋଗଦେଇ ଗବେଷକ ଦୀପକ କୁମାର ପଣ୍ଡା ସମ୍ବଲପୁର ଇତିହାସରେ ଐତିହ୍ୟର ମହତ୍ତ୍ୱ ବାବଦରେ ଆଲୋକପାତ କରିଥିଲେ। ରାଜତନ୍ତ୍ର ଓ ବ୍ରିଟିଶ ଶାସନ କାଳରେ ସମ୍ବଲପୁର ସହରରେ ନିର୍ମିତ ପୁରାତନ କୀର୍ତ୍ତିରାଜି, ଏଗୁଡ଼ିକର ନିର୍ମାଣ ଶୈଳୀ ତଥା ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଗତ ଦିନରେ ଲୋପ ପାଇଥିବା ଐତିହ୍ୟଗୁଡ଼ିକର ବିବରଣୀ ଦେଇ ବର୍ତ୍ତମାନ ଥିବା କୀର୍ତ୍ତିର ସଂରକ୍ଷଣ ଓ ପୁନର୍ବିନ୍ୟାସ କରାଯିବା ଉଚିତ୍ ବୋଲି କହିଥିଲେ। ପି. ଜି. କାଉନସିଲ ଅଧ୍ୟକ୍ଷ ମୋହିନ ମହମ୍ମଦ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଉପ-କୁଳସଚିବ ଉମାଚରଣ ପତି ସଭାର ପରିଚାଳନା କରିଥିଲେ। ଅଧ୍ୟାପକ ପରମତାପ ପ୍ରଧାନ ସ୍ୱାଗତ ଭାଷଣ, ଇତିହାସ ବିଭାଗ ମୁଖ୍ୟ ପ୍ର. ଅତୁଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପିକା ସସ୍ମିତା ଶାସନୀ ଧନ୍ୟବାଦ ଅର୍ପଣ କରିଥିଲେ।

SAMBALPUR Edition
Page No.9 April 19, 2022

Media coverage the programme